ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ତ୍ରୈମାସିକ ସମ୍ବାଦ ପତ୍ରିକା

ଘରର ମୁଖିଆ
ମଦ ପିଇଲେ
ପରିବାର ଭାସିବ,
ରାଜ୍ୟର ମୁଖିଆ
ମଦ ବିକିଲେ
ରାଜ୍ୟ ଭାସିବ ।

# ନିଶାମୁକ୍ତି ସଂଗ୍ରାମ

# NISHAMUKTI SANGRAM

ତୃତୀୟ ବର୍ଷ | ସଂଖ୍ୟା - ୧୩ | ଏପ୍ରିଲ-ଜୁଲାଇ ୨୦୨୩ | ଭୁବନେଶ୍ୱର | ପୃଷ୍ଠା - ୪ | ମୂଲ୍ୟ - ୫ ଟଙ୍କା
VOLUME - 3 | ISSUE - 13 | Apr.-July 2023 | BHUBANESWAR | 4 PAGES | PRICE : Rs.5.00

ଆଜି ଦିନରେ ମଣିଷର
ଅକାଳ ମୃତ୍ୟୁର ମୁଖ୍ୟ
କାରଣ ଦୁର୍ଘଟଣା,
ଦୁର୍ଘଟଣାର ମୁଖ୍ୟ କାରଣ
ସରକାରୀ ମଦ ।

**ମଦ ବନ୍ଦ ହେଉ,**
**ଦୁର୍ଘଟଣାକୁ ଏଡାଯାଉ**

## ସଂପାଦକୀୟ



*୨୦୨୪ର ସାଧାରଣ ନିର୍ବାଚନ ସମଗ୍ର ଦେଶ ଲାଗି ଅତି ଗୁରୁତ୍ୱପୂର୍ଣ୍ଣ । ନିଶା ନିବାରଣ ନିର୍ବାଚନର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବାଲାଗି ଜନମତ ସୃଷ୍ଟିକରିବା ପାଇଁ ଆଗାମୀ ଅଗଷ୍ଟ ୧୫ଠାରୁ ସାରା ରାଜ୍ୟରେ କିଛି କାର୍ଯ୍ୟକ୍ରମ ନିଆଯାଉ ।*

*ସ୍ୱାଧୀନତା ଦିବସ (ଅଗଷ୍ଟ ୧୫) ଅବସରରେ ବ୍ଲକ୍ ମହକୁମାରେ ବ୍ଲକ୍ ଉନ୍ନୟନ ଅଧିକାରୀ (ବି.ଡ଼ି.ଓ)ଙ୍କ ଜରିଆରେ ୧୯୫୬ ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉ ।*

*ଏ ଦିଗରେ ସରକାରଙ୍କ ତରଫରୁ କିଛି କାର୍ଯ୍ୟାନୁଷ୍ଠାନ ନିଆନଗଲେ, ଅକ୍ଟୋବର ୨ ତାରିଖ ଦିନ ବ୍ଲକ୍ ଏବଂ ଜିଲ୍ଲା ସଦର ମହକୁମାରେ ୬ ଘଣ୍ଟିଆ ଅନଶନ ପାଇଁ ମାନସିକ ଭାବରେ ପ୍ରସ୍ତୁତ ରୁହନ୍ତୁ ।*

*ଏହା ସହ ଆସନ୍ତା ନଭେମ୍ବର ୨୩ତାରିଖ ୪ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିନରେ ରାଜ୍ୟବାସୀ ରାଜଧାନୀ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଏକତ୍ରିତ ହୋଇ "ମଦମୁକ୍ତ ଓଡ଼ିଶା" ପାଇଁ ସରକାରଙ୍କୁ ଚାପ ପ୍ରୟୋଗ କରି ବାଧ କରିବା ନିମନ୍ତେ ସିଦ୍ଧାନ୍ତ ନିଅନ୍ତୁ ।*

ପଦ୍ମଚରଣ ନାୟକ
*ପଦ୍ମଚରଣ ନାୟକ*
*ସଭାପତି*

## ନିଶା ଯୁବପିଢିଙ୍କୁ ପଥଭ୍ରଷ୍ଟ କରୁଛି : ରାଷ୍ଟ୍ରପତି

# ନିଶାମୁକ୍ତ ଓଡ଼ିଶା ଜରୁରି

### ଆଧ୍ୟାତ୍ମିକ ସୁରାପାନ କରିବାକୁ ରାଷ୍ଟ୍ରପତିଙ୍କ ଆହ୍ୱାନ



- ଦୁଇଦିନିଆ ମୟୂରଭଞ୍ଜ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ପାହାଡପୁରରେ ସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
- ଆଜି ଯିବେ ଶିମିଳିପାଳ, ୬ରେ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ


ରାଇରଙ୍ଗପୁର, ୪୮(ଆର): ନିଶା ଏକ ସାମାଜିକ ବ୍ୟାଧି । ଏହାର ପ୍ରତିରୋଧ ଜରୁରି । ନିଶାମୁକ୍ତ ଓଡ଼ିଶା ଗଠନ କରିବାକୁ ହେବ । ନିଶା ସେବନକୁ ଦୂରେଇ ରଖି ଆଧ୍ୟାତ୍ମିକ ସୁରାପାନ କରିବାକୁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

ରାଷ୍ଟ୍ରପତି ହେବାର ୧୧ ମାସ ପରେ ଆଜି ପ୍ରଥମ ଥର ନିଜ ଜନ୍ମମାଟି ମୟୂରଭଞ୍ଜ ଗସ୍ତରେ ଆସି ପହଞ୍ଚିଛନ୍ତି ରାଷ୍ଟ୍ରପତି । ରାଇରଙ୍ଗପୁର ଆଦିବାସୀଭବନରେ ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ନିଶାମୁକ୍ତ ଓଡ଼ିଶା ଶିବିରକୁ ଉଦଘାଟନ କରି ରାଷ୍ଟ୍ରପତି କହିଛନ୍ତି ଆଜି ନିଶ୍ଚିତ ଭାବରେ ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିନ । ନିଶାମୁକ୍ତ ଓଡ଼ିଶା ଗଠନ ଉଦ୍ଦେଶ୍ୟରେ ଆୟୋଜିତ ଏ ଶିବିରକୁ ଉଦଘାଟନ କରି ମୁଁ ବିଶେଷ ଖୁସି । ନିଶା ଦୂରୀକରଣ ଏ ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ଆହୁରି ବେଶି ସୁଦୃଢ଼ କରିବାକୁ ହେବ । ଆପଣମାନଙ୍କ ଦ୍ୱାରା ଆରମ୍ଭ ଏ ପ୍ରୟାସର ନିଶ୍ଚିତ ଭାବେ ସୁଫଳ ମିଳିବ । ନିଶା ସେବନରୁ ଲୋକଙ୍କୁ ମୁକ୍ତ କରିବାକୁ ହେଲେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ହେବ ।

ରାଷ୍ଟ୍ରପତି କହିଲେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ନିଶାପାନ ଏକ ଅଭିଶାପ ବୋଲି ଆମେ ସମସ୍ତେ ଜାଣୁ । ନିଶାସକ୍ତ ଅବସ୍ଥାରେ ଲୋକେ ସମାଜ ବିରୋଧୀ କାର୍ଯ୍ୟ କରିଥାନ୍ତି । ଅର୍ଦ୍ଧଚେତ ଅବସ୍ଥାରେ ଯୁବ ଲୋକଟି ଭଲ କ'ଣ ମନ୍ଦ କ'ଣ ବୁଝି ପାରେନି । ପ୍ରଥମେ ଲୋକଟିଏ ନିଶା ଖାଏ, ତା ପରେ ନିଶା ତାକୁ ଖାଏ । ସେ ନିଜ ଆୟତ୍ତରେ ଆଉ ରହିପାରେ ନାହିଁ । ଆଜିକାଲି କେତେ ପ୍ରକାରର ନୂଆ ନୂଆ ନିଶା ଯୁବପିଢିଙ୍କୁ ପଥ ଭ୍ରଷ୍ଟ କରୁଛି । ନିଶାମୁକ୍ତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାକୁ ହେଲେ ଏହାକୁ ଆନ୍ଦୋଳନର ରୂପ ଦେବାକୁ ହେବ । ଘରେ ଘରେ ବୁଝି ସଚେତନ କରିବାକୁ ହେବ । ଘର ଘର ବୁଝିବାକୁ ହେବ । ପ୍ରତ୍ୟେକ ଲୋକ ପାଖକୁ ଯିବାକୁ ହେବ ବୋଲି ସେ କହିଥିଲେ । ଏହି ଅବସରରେ ରାଷ୍ଟ୍ରପତି ବ୍ରହ୍ମାକୁମାରୀ ସଂସ୍ଥା ସହିତ ତାଙ୍କର ଅତୀତର ସ୍ମୃତି ରୋମନ୍ଥନ କରିଥିଲେ ।

## ମଦମୁକ୍ତ ଓଡ଼ିଶା ହିଁ ମହିଳା ସଶକ୍ତିକରଣର ଚାବିକାଠି

ସୁନ୍ଦରଗଡ଼ ଜିଲ୍ଲା ବୈଠକ



ସୁନ୍ଦରଗଡ଼,୨୮ (ସମିସ): ସ୍ଥାନୀୟ [illegible] ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । [illegible] ମଦମୁକ୍ତ ଓଡ଼ିଶା ହିଁ ମହିଳା ସଶକ୍ତିକରଣର ଚାବିକାଠି ବୋଲି କହିଥିଲେ । [illegible]

## ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ବୈଠକ

ଜଗତ୍‌ସିଂହପୁର ଜିଲ୍ଲା ବୈଠକ



ଜଗତସିଂହପୁର,(୧୬)(ସମିସ): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଜଗତସିଂହପୁର [illegible] ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । [illegible]

ପୁରୀ ଜିଲ୍ଲା ବୈଠକ

# 'ମଦ ପ୍ରସାର ଯୋଗୁଁ ଅପରାଧ ବଢ଼ୁଛି'



ପୁରୀ, ୧୦।୩ (ନି.ପ୍ର): ରାଜ୍ୟବାସୀଙ୍କ ଧନ୍ୟବାଦର ଭୁଲିଶ ପରିବର୍ତ୍ତେ ଅବକାରୀ ରାଜସ୍ୱ ପାଇଁ ପ୍ରାଧାନ୍ୟ ଦେଉଛନ୍ତି ସରକାର। ପ୍ରତିବର୍ଷ ଦେଶୀ ଓ ବିଦେଶୀ ମଦ ଦୋକାନ ସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜିଛି। ଏଥିଯୋଗୁଁ ରାଜ୍ୟରେ ନାରୀ ନିର୍ଯାତନା ସମେତ ଅପରାଧ ବୃଦ୍ଧି ପାଉଥିବା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଉପସ୍ଥିତି ପ୍ରକୁପଠ ନଜର କରିଛନ୍ତି। ଶନିବାର ପୁରୀ ମଙ୍ଗଳ ମଣ୍ଡପରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଯୋଗଦେଇ ପୂର୍ବତନ ବିଧାୟକ ଶ୍ରୀ ନାୟକ କହିଲେ, ଓଡ଼ିଶା ସରକାରଙ୍କ ଅବକାରୀ ନୀତି ସମ୍ପୂର୍ଣ୍ଣ ଜନସ୍ୱାର୍ଥ ବିରୋଧୀ। ମଦ ବିକ୍ରିକୁ ପ୍ରୋତ୍ସାହନ ଏବଂ ପୁରସ୍କାର ଦିଆଯିବା ଦୁର୍ଭାଗ୍ୟଜନକ। ମଦ ପ୍ରସାର ଯୋଗୁ ପ୍ରତିବର୍ଷ ହଜାର ହଜାର ଗରିବ ଲୋକଙ୍କ ପରିବାର ବରବାଦ ହେଉଛନ୍ତି। ବହୁ ଲୋକଙ୍କ ଅକାଳ ମୃତ୍ୟୁ ହେଉଛି ସହ ଘରୋଇ ହିଂସା ବୃଦ୍ଧି ପାଉଛି। ବିହାର ଓ ଗୁଜରାଟ ସରକାର ମଦବିକ୍ରି ସମ୍ପୂର୍ଣ୍ଣ ନିଷେଧ କରିଥିବା ବେଳେ ଓଡ଼ିଶାରେ ବିଜେଡି ସରକାର ଏହାକୁ ପ୍ରୋତ୍ସାହନ ଦେଉଛନ୍ତି। ଏହା ବିରୋଧରେ ରାଜ୍ୟବ୍ୟାପୀ ମିଳିତ ଆନ୍ଦୋଳନର ଆବଶ୍ୟକତା ରହିଥିବା ଶ୍ରୀ ନାୟକ ମତ ଦେଇଛନ୍ତି। ସଙ୍ଗଠନର ସଂଯୋଜକ ମଧୁସୂଦନ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ନିଶା ବିରୋଧୀ ଆନ୍ଦୋଳନକୁ ଜିଲ୍ଲାରେ ଅଧିକ ସକ୍ରିୟ କରିବା ପାଇଁ କମିଟି ଗଠନ ନିମନ୍ତେ ସ୍ଥିର କରାଯାଇଛି। ସମାଜସେବୀ ମନସ ତ୍ରିପାଠୀ, ଚକ୍ରଧର ମହାପାତ୍ର, ବଦ୍ରି ମିଶ୍ର, ଲଳିତା ପରିଡ଼ା, ଜଗନ୍ନାଥ ଦେଓ, ଡା. ରାଧାଶ୍ୟାମ ରଥ, ଛାୟାକାନ୍ତ ନାୟକ, ଭୁବନା କୁମାରୀ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସବିତା ସାହୁ ଧନ୍ୟବାଦ ଦେଇଥିଲେ।

## ନିଶା ନିବାରଣ ଅଭିଯାନର କେନ୍ଦ୍ରାପଡ଼ା ଜିଲ୍ଲା ବୈଠକରେ ନିଷ୍ପତ୍ତି

# ଆଗକୁ ବ୍ୟାପକ ହେବ ଆନ୍ଦୋଳନ



କେନ୍ଦ୍ରାପଡ଼ା,୧୬।୭(ଆପ୍ର): ରାଜ୍ୟରେ ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟକଳାପ ସାଙ୍ଗକୁ ସଡ଼କ ଦୁର୍ଘଟଣାଜନିତ ଜୀବନହାନୀ ଓ ଅନେକ ସାମାଜିକ ସମସ୍ୟା ବହୁ ପରିମାଣରେ ବଢ଼ି ଚାଲିଛି। ଏସବୁର ମୂଳ କାରଣ ମଦ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପରିବର୍ତ୍ତେ ସରକାର ନିଶା ପ୍ରସାରକୁ ନିଜର ନୀତି ଭାବରେ ଗ୍ରହଣ କରି ପ୍ରତି ବର୍ଷ ଅଧିକରୁ ଅଧିକ ମଦ ଦୋକାନ ଖୋଲି ଚାଲିଛନ୍ତି। ସରକାରଙ୍କ ଏପରି ସମ୍ବିଧାନ ତଥା ସମାଜ ବିରୋଧୀ ନୀତି ବିରୋଧରେ ଏବଂ ୧୯୫୬ ମସିହାର ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ଦାବିରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଦ୍ଦେଶ୍ୟରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ପରିବର୍ଦ୍ଧିତ କେନ୍ଦ୍ରାପଡ଼ା ଜିଲ୍ଲା କମିଟି ବୈଠକ କେନ୍ଦ୍ରାପଡ଼ା ସହରର ତିନିମୁହାଣୀସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ସଂଗଠନର ଜିଲ୍ଲା ସଭାପତି ପାର୍ବତୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ରାଉଳ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଅଗଷ୍ଟ ୧୫ ତାରିଖ ମଧ୍ୟରେ ପ୍ରତି ବ୍ଲକ ସ୍ତରରେ ବୈଠକ ଓ ଦସ୍ତଖତ ଅଭିଯାନ ଓ ଅକ୍ଟୋବର ୨ ତାରିଖ ମଧ୍ୟରେ ଜିଲ୍ଲାସ୍ତରୀୟ ଶୋଭାଯାତ୍ରା କରାଯାଇ ନଭେମ୍ବର ୨୩ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶ ପାଇଁ ବ୍ୟାପକ ଜନଜାଗରଣ କରାଯିବ ବୋଲି ପ୍ରକାଶ କରିଥିଲେ। ଆଳି ବ୍ଲକର ଉପଦେଷ୍ଟା ଗୋବିନ୍ଦ ଦାସ, ରାଜକନିକାର ସମ୍ପାଦକ କୈଳାସ ମଲ୍ଲିକ, କେନ୍ଦ୍ରାପଡ଼ାର ଭାଗୀରଥି ଜେନା, ମାର୍ଶାଘାଇର ସୀତାକାନ୍ତ ନାୟକ, ଡେରାବିଶର ବିଶ୍ୱନାଥ ବେହେରା ଓ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ବିଧୁଭୂଷଣ ମହାପାତ୍ର, ରବୀନ୍ଦ୍ରନାଥ ରଥ, ଧନେଶ୍ୱର ବେହେରା, ମହେନ୍ଦ୍ର ପଟ୍ଟନାୟକ, ସସ୍ମିତା ବେହେରା, ଶରତ ରାଉତ, ଶ୍ରୀଧର ଭୋଳ, ରାକେଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅକ୍ଷୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲ୍ଲାସ୍ତରୀୟ ବୈଠକ

## ଯାଜପୁର ଜିଲ୍ଲା

ମହାବିନାୟକ ବ୍ୟାସନଗର, ୧।୭: ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଯାଜପୁର ଜିଲ୍ଲାସ୍ତରୀୟ ବୈଠକ ବ୍ୟାସନଗର ଠାରେ ଜିଲ୍ଲା ସଭାପତି ଡଃ ବିଶ୍ୱଜିତ ମହାନ୍ତିଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋନାର ରାଜ୍ୟ କାର୍ଯ୍ୟକାରୀ ସଭାପତି ଡଃ କାହ୍ନୁଚରଣ ବେହେରା, ରାଜ୍ୟ ସମ୍ପାଦକ ରମାକାନ୍ତ ମଲ୍ଲିକ,ଅରୁଣ କୁମାର ସ୍ୱାଇଁ ଯୋଗ ଦେଇ ଜିଲ୍ଲାର ନିଶା ନିବାରଣ ସଙ୍ଗଠନକୁ ଅଧିକ ସକ୍ରିୟ କରିବାକୁ ପରାମର୍ଶ ଦେବା ସହ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ କରାଯାଇ ଜିଲ୍ଲା ସଭାପତି ଭାବେ ଡଃ ବିଶ୍ୱଜିତ ମହାନ୍ତି, ଉପସଭାପତି ଭୁବନାନନ୍ଦ ମହାନ୍ତି , ସମ୍ପାଦକ ଭାବେ ସମାଜସେବୀ ସଦାନନ୍ଦ କର, ସହସମ୍ପାଦକ ପ୍ରଶାନ୍ତ ପରିହାରୀ ଓ ମନୋଜ କୁମାର ପଣ୍ଡା, କୋଷାଧ୍ୟକ୍ଷ ବଳ ପରଲ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମିଳିତଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲ୍ଲା ସମ୍ପାଦକ ସମାଜସେବୀ ସଦାନନ୍ଦ କର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଭୁପତି ମଲ୍ଲିକ ଅତିଥି ପରିଚୟ ଦେଇଥିଲେ। ବୈଠକରେ ପ୍ରଶାନ୍ତ ପରିହାରୀ, ଅଶୋକ ମହାରଣା, ରଜନୀଶ ପରିଡ଼ା, ଦାମୋଦର ଆଚାର୍ଯ୍ୟ, ନୃସିଂହ ଚରଣ ମିଶ୍ର, ଧନେନ୍ଦ୍ର ନାୟକ, ରଞ୍ଜନକୁମାର ଜେନା ପ୍ରମୁଖ ନିଜ ନିଜର ମତାମତ ଦେଇଥିବାବେଳେ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# 'ନିଶା, ହିଂସା ଓ ଦୁର୍ନୀତିକୁ ହଟାଇବା ପାଇଁ ଉଦ୍ୟମ ଲୋଡ଼ା'



ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ବୈଠକ

ଭଦ୍ରକ,୧୬।୭(ସପ୍ର): ଯଶୋଦା ସନ୍ନିକଟ ଭଦ୍ରକସ୍ଥିତ ହୋଟେଲ କକ୍ଷରେ ରବିବାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଉପସଭାପତି ଅରୁଣା ଜେନା ବୈଠକକୁ ସଭାପତିତ୍ୱ କରିଥିଲେ। ଏଥିରେ ରାଜ୍ୟ ସଂଯୋଜକ ଖଗେଶ୍ୱର ବଳ ଯୋଗଦେଇ ବିକଶିତ ଭାରତ ବର୍ଷକୁ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ର ଅନୁକରଣ କରୁଥିବା ବେଳେ ନିଶା ପାଇଁ ଆମେ ରସାତଳ ଗାମୀ ହେଉଛେ। ଏହା ସଭ୍ୟ ସମାଜକୁ ଅସଭ୍ୟ କରୁଥିବା ବେଳେ ନିଶା, ହିଂସା ଓ ଦୁର୍ନୀତିକୁ ହଟାଇବା ପାଇଁ ରାଜନେତା ଉଦ୍ୟମ କରିବା ଉଚିତ ବୋଲି କହିଛନ୍ତି। ସଭାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଅଟଳ ବିହାରୀ ନାୟକ, ଧାମନଗରର ସଭାପତି ସଚିକାନ୍ତ ପଣ୍ଡା ଓ ବନ୍ତ ସଭାପତି କୈଳାସ ଚନ୍ଦ୍ର ଧଳ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ସୁତାର, ପୁରୁଷୋତ୍ତମ ଧଳ, ବସନ୍ତ କୁମାର ସାହୁ, ଜଗନ୍ନାଥ ରାଉ, ପ୍ରସନ୍ନ ପ୍ରଧାନ, ହେମନ୍ତ ସିଂହ, ବିଜୟ କୁମାର ଭାରତ, ନାରାୟଣ ଘୋଷାଳ, ଅମର ପାଣିଗ୍ରାହୀ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ନିଶା ନିବାରଣ ଅଭିଯାନର ଜିଲ୍ଲା ସମ୍ପାଦକ ଆଇନଜୀବୀ ଗିରିଧାରୀ ନାଥ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ରଖିଥିଲେ। ଏଥିରେ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ କମିଟି ଗଠନ ନେଇ ଆଲୋଚନା କରାଯାଇଛି।

## କେନ୍ଦୁଝର ଜିଲ୍ଲା ସମ୍ବାଦ

ମଦ ନେଉଛି ମୁଣ୍ଡ



# କମ୍ ବୟସରୁ ଗାଁର ୨୦ରୁ ଊର୍ଦ୍ଧ୍ୱ ବିଧବା

କେନ୍ଦୁଝର,୧୮/୬(ସମିତି): ପତି ମୃତ୍ୟୁ, ବୟସ ୫୦। ସ୍ୱାମୀ, ପୁଅଝିଅଙ୍କୁ ନେଇ ତାଙ୍କ ହସଖୁସିର ସଂସାର ଥିଲା। ହେଲେ ହଠାତ୍ ଖୁସିର ସଂସାରକୁ ଉଜାଡ଼ି ଦେଲା ମଦ। ସ୍ୱାମୀଙ୍କଠାରୁ ଅଧିକ ମଦ ପିଇବାରୁ ଅସମୟରେ ଚାଲିଗଲେ। ଅଳ୍ପ ବୟସରେ ... ମୃତ୍ୟୁ ପରେ ମୁଣ୍ଡ ଉପରେ ... ପରିବାରର ସମସ୍ତ ଦାୟିତ୍ୱ ଆସି ପଡ଼ିଛି। ମାନସିକ ଯନ୍ତ୍ରଣା ଭିତରେ ଦିନ କାଟୁଛନ୍ତି। କେନ୍ଦୁଝର ଜିଲ୍ଲା ଶୁକ୍ରାପୁର ମୁଣ୍ଡାସାହିରେ ପତିଙ୍କ ପରି ୨୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ବିଧବା ସାଜିବାକୁ ପଡ଼ିଛି।

ସ୍ୱାମୀ ଶିବ ମୁଣ୍ଡାଙ୍କ ମୃତ୍ୟୁ ବେଳେ ହୋଇଥିବ ସେ ସମ୍ପର୍କରେ ସତି ଜଣି ପାରୁ ନଥିବା ବେଳେ ତିନିବର୍ଷ ତଳେ ପୁଅ ବଢ଼ୁ, ଏବେ ... ଝିଅ ... ବର୍ଷେ ତଳେ ... ମୃତ୍ୟୁ ପରିବାର କହିଛନ୍ତି। ... ପରିବାରକୁ ... ଏବଂ ସାମାଜିକ ସୁରକ୍ଷା ଯୋଜନାରେ ବିଧବା ଭତ୍ତା ମିଳି ନଥିବା ସେ କହିଛନ୍ତି। ସେହିପରି ପ୍ରଭା ମୁଣ୍ଡାଙ୍କ ବୟସ ମାତ୍ର ୨୨ ବର୍ଷ ହୋଇଥିବା ବେଳେ ସେ ତିନିବର୍ଷ ତଳୁ ବିଧବା ହେଲେଣି। ସ୍ୱାମୀ ରବିନ ମୁଣ୍ଡା ଅଧିକ ମଦ ପିଇବାରୁ ... ତାଙ୍କ ମୃତ୍ୟୁ ପରେ ପୁଣି ବିଧବା ଭତ୍ତା କିମ୍ବା କୌଣସି ସରକାରୀ ସୁବିଧା ପାଇ ନଥିବାରୁ ... କରି ଚଳୁଛନ୍ତି। ସେହିପରି ... ମୁଣ୍ଡାଙ୍କ ... ମଧ୍ୟ ... ତାଙ୍କୁ ମଧ୍ୟ ୨୪ ବର୍ଷ ହୋଇଥିବା ବେଳେ ଗତବର୍ଷ ସ୍ୱାମୀ ଜଗତ ମୁଣ୍ଡାଙ୍କ ମୃତ୍ୟୁ ହୋଇଛି। ... ମଦ ପିଇବାରୁ ... ପୁଲିସିଠା ... ଏପରି ... ମୃତ୍ୟୁ ... ସ୍ୱାମୀଙ୍କ ମୃତ୍ୟୁ ପରେ ଏବେ ... ଅତି ... ଅବସ୍ଥାରେ ରହୁଛନ୍ତି। ଏଥିସହ ... ମୁଣ୍ଡା, ସୁରେନ ମୁଣ୍ଡା, ଗୋପେନ୍ଦ୍ର ମୁଣ୍ଡା, ବୁଢ଼ୁ ମୁଣ୍ଡା, ଗୁରୁ ମୁଣ୍ଡା, ଲୁଗୁରୁ ମୁଣ୍ଡା, ନିଳକଣ୍ଠ ମୁଣ୍ଡା, ବିକ୍ରମ ମୁଣ୍ଡା, ଗୁରା ମୁଣ୍ଡା, ମଙ୍ଗଳ ମୁଣ୍ଡା, ... ମୁଣ୍ଡାଙ୍କ ମଧ୍ୟ ଅକାଳ ମୃତ୍ୟୁ ହୋଇଛି ମଦ। ଲୋକଙ୍କ ମୃତ୍ୟୁ ପରେ ପରିବାର ଦୁର୍ଦ୍ଦଶାରେ ରହୁଛନ୍ତି।

କେନ୍ଦୁଝର ସଦର ବ୍ଲକ୍ ଶୁକ୍ରାପୁର ମୁଣ୍ଡାସାହି ... ଜନବସତି। ଏଠାରେ ... ମହୁଲିରୁ ପ୍ରସ୍ତୁତ ... ବିକ୍ରି କରାଯାଉଛି। ଏହି ମଦଭାଟିକୁ ... ମାସରେ ୨ ରୁ ୩ ଥର ... ଚଢ଼ାଉ ହେଉଛି। କିନ୍ତୁ ଏଠାରେ ମଦ କେମିତି ତିଆରି ହେଉଛି ... ନେଇ ନିରୀକ୍ଷଣ ... ମହୁ ... ଏହି ... ଏହି ଅସୁରକ୍ଷିତ ମଦ ମୁଣ୍ଡାସାହି ପାଇଁ ବିପଦର କାରଣ ପାଲଟିଛି। ମଦ ପିଇ ଗାଁର ... ପରେ ଜଣେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେଳେ ସେମାନଙ୍କ ପତ୍ନୀମାନେ ଅଳ୍ପ ବୟସରେ ବିଧବା ହୋଇଛନ୍ତି। ସେମାନେ ମଦଭାଟି ... ଦାବି କରୁଛନ୍ତି ଯାହା ଏହି ନିରୀହ ଆଦିବାସୀଙ୍କ ମୃତ୍ୟୁର କାରଣ ସାଜିପାରୁ ନାହିଁ।

# ନିଶା ନିବାରଣ ଅଭିଯାନ

## ପଦ୍ମଚରଣ ନାୟକ

ନିଶା ନିବାରଣ ସ୍ୱାଧୀନତା ଆନ୍ଦୋଳନର ଏକ ବଡ଼ କାର୍ଯ୍ୟକ୍ରମ ରହି ଆସିଥିଲା ଓ ସ୍ୱାଧୀନତା ପରେ ପରେ ଅଧିକାଂଶ ରାଜ୍ୟ ଏହାକୁ କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନେଇଥିଲେ । କିନ୍ତୁ ୧୯୫୭ ମସିହାରୁ ଏହା କଂଗ୍ରେସ ଦଳର କାର୍ଯ୍ୟକ୍ରମ ମଧ୍ୟରେ ରହିଲା ନାହିଁ । ତଥାପି ଉଦାରୀକରଣ ଯୁଗ ପର୍ଯ୍ୟନ୍ତ ସମାଜରେ ଏହାର ବିଶେଷ ପ୍ରଭାବ ନଥିଲା । ଉଦାରୀକରଣ ଯୋଗୁ ଲୋକଙ୍କ ପାଖକୁ ଅଧିକ ଅର୍ଥ ଆସିଲା ଓ ସେହି ଅର୍ଥ ଖର୍ଚ୍ଚ କରିବା ଲାଗି ନାନା ପ୍ରକାର ଭୋଗ୍ୟ ବସ୍ତୁର ବଜାର ବଢିଲା । ଏହି ଭୋଗ୍ୟ ବସ୍ତୁମାନଙ୍କ ମଧ୍ୟରେ ମଦ ଏକ ପ୍ରମୁଖ ସ୍ଥାନ ଅଧିକାର କରିବସିଲା । ମଧ୍ୟବି□ ଶ୍ରେଣୀ ଏହାକୁ ଏକ ସଂଭ୍ରମର ପରିଚୟ ଭାବରେ ଗ୍ରହଣ କରିବାରୁ ଏହା କ୍ରମେ ସମଗ୍ର ସମାଜକୁ କବଳିତ କଲାଣି । ମଦ ଛଡ଼ା ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଉତ୍ପାଦନ ଓ ବିକ୍ରି ବେଆଇନ ଥିବାରୁ ଏବଂ ସରକାର ନିଜେ ମଦର ପ୍ରସାର କାମ ହାତକୁ ନେଇଥିବାରୁ ନିଶା ନିବାରଣ ଅଭିଯାନକାରୀମାନେ ଏହାକୁ ହଟାଇବା ପାଇଁ ଲାଗି ପଡ଼ିଛନ୍ତି । ମଦ ଠାରୁ ଧଳା ଜହର ଆଜି ଅଧିକ ମାରାତ୍ମକ ଥିଲେ ବି ସେ ସବୁ ବ୍ୟକ୍ତିକୁ କ୍ଷତ କରିଥାଏ । କିନ୍ତୁ ମଦ ବ୍ୟକ୍ତିର ସର୍ବନାଶ କରିବା ସଙ୍ଗେ ସଙ୍ଗେ ପରିବାର ଓ ସମଗ୍ର ସମାଜକୁ ତଳିତଳାନ୍ତ କରୁଛି । ପଞ୍ଜାବର ଲୋକେ, ପାଣି ଭଳି ସବୁଦିନ ମଦ ପିଉଥିଲେ । ସେମାନେ ଏବେ ମଦରୁ ଧଳା ଜହର ଆଡ଼େ ମୁହାଁଇଛନ୍ତି । ଦକ୍ଷିଣ ଭାରତରେ ବିଶେଷକରି କେରଳର ଲୋକେ ଏବେ ମୁଣ୍ଡପିଛା ମଦ ପିଇବାରେ ଆଗୁଆ । ତାମିଲନାଡୁ ସରକାର ମଦ ଦୋକାନ ନିଲାମ ନ ଦେଇ ନିଜେ ଏ ବେପାର ଚଳାଇଛି । ଏଣୁ ମଦ ବାବଦରେ ସବୁ ରାଜ୍ୟ ମଧ୍ୟରେ ତାମିଲନାଡୁ ସରକାରଙ୍କର ଆୟ ଅଧିକ ।

ଲୋକଙ୍କର ଧାରଣା ସରକାର ମଦରୁ ଅଧିକ ରାଜସ୍ୱ ପାଉଥିବାରୁ ଏହାକୁ ହଟାଇବା ପାଇଁ ଅନିଚ୍ଛୁକ । କିନ୍ତୁ ବ□ମାନ ବିଭିନ୍ନ ରାଜ୍ୟର ବାର୍ଷିକ ବଜେଟକୁ ଲକ୍ଷ୍ୟକଲେ ଏହାକୁ ବେଆଇନ କଲେ ରାଜ୍ୟ ଅଚଳ ହୋଇଯିବ ନାହିଁ । ବିହାର ଭଳି, ଦେଶର ସବୁଠାରୁ ଗରିବ, ରାଜ୍ୟ ଏହାକୁ ଛାଡ଼ିବା ପରେ ଅଚଳ ହୋଇଯାଇ ନାହିଁ । ବିହାରର ମୁଖ୍ୟମନ୍ତ୍ରୀ କହନ୍ତି ଯେ, ନିଶା ନିବାରଣ କାର୍ଯ୍ୟକାରୀ କରିବାର ପ୍ରଥମ ବର୍ଷ ତାଙ୍କୁ କିଛି ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋବକୁ ପଡ଼ିଥିଲା । କିନ୍ତୁ ପରବର୍ଷ ଠାରୁ ଲୋକେ ମଦ ବାବଦରେ ଖର୍ଚ୍ଚ କରୁଥିବା ଅର୍ଥକୁ ଅନ୍ୟାନ୍ୟ ଦ୍ରବ୍ୟ କିଣିବାରୁ ସରକାର ସେସବୁର ବିକ୍ରିରୁ ଅଧିକ ଟିକସ ପାଇଲେ ଓ ବିନା ବାଧାରେ ଚଳିଲେ । ସାଧାରଣ ଲୋକଙ୍କ ଘରକୁ, ବିଶେଷକରି ଗରିବ ଲୋକଙ୍କ ଘରକୁ, ବହୁ ଅତ୍ୟାବଶ୍ୟକ ଜିନିଷ ଆସିଲା । ପିଲାମାନଙ୍କ ପାଠପଢା ଓ ସ୍ୱାସ୍ଥ୍ୟରକ୍ଷା ଦିଗରେ ଅଧିକ ଉନ୍ନତି ଦେଖାଗଲା ଏବଂ ପରିବାର ତଥା ସାମାଜିକସ୍ତରରେ ଅଶାନ୍ତି କମିଲା ।

ପ୍ରଶ୍ନ ଉଠେ, ଯଦି ମଦ ହଟାଇବା ଫଳରେ ସମାଜର ଯଦି ଏତେ ଭଲ ହେଉଛି ଅନ୍ୟାନ୍ୟ ସରକାରମାନେ ଏହିଭଳି ନକରୁଛନ୍ତି କାହିଁକି ?

ବିହାରରେ ନୀତୀଶ କୁମାର ବହୁ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ଅଛନ୍ତି । ସେ ବି ପୂର୍ବରୁ ମଦ ଦୋକାନ ନିଲାମ ଦେଇ ଅର୍ଥ ଆୟ କରୁଥିଲେ । କିନ୍ତୁ ପ୍ରାୟ ଆଠବର୍ଷ ପୂର୍ବେ ସେ ଏକ ନିର୍ବାଚନ ସଭାରେ, ଆମ ମହିଳା ସ୍ୱୟଂ ସହାୟକ ନେତ୍ରୀଙ୍କ ପରି, ମହିଳା ନେତ୍ରୀମାନଙ୍କୁ ସରକାରଙ୍କର ନାରୀମଙ୍ଗଳ ତାଲିକା ଦେଉଥିବା ବେଳେ ଅଳ୍ପ କିଛି ନେତ୍ରୀ ଠିଆ ହୋଇ ତାଙ୍କୁ କହିଥିଲେ ଯେ, ମଦରେ ସେମାନଙ୍କର ସର୍ବନାଶ ହେଉଛି । ଏଣୁ ମୁଖ୍ୟମନ୍ତ୍ରୀ ଅନ୍ୟ କିଛି ନକରି ବି ମଦ ହଟାଇଦେଲେ ସେମାନେ ତାଙ୍କୁ ଭୋଟ ଜିତିବା ଦିଗରେ ପୂର୍ଣ୍ଣପ୍ରାଣରେ ଲାଗିଯିବେ । ସେମାନଙ୍କ ଏତକ କଥା ଶୁଣିବା ପରେ ଉପସ୍ଥିତ ସହସ୍ରାଧିକ ନାରୀନେତ୍ରୀ ଠିଆ ହୋଇ ସେହି ଧ୍ୱନି ଦେଇଥିଲେ । ନିର୍ବାଚନ ଜିତିବା ଲାଗି ଏଭଳି ପ୍ରତିଶ୍ରୁତି ପାଇବା ପରେ ସେ ନିର୍ବାଚନ ଜିତିବାର ସାତଦିନ ମଧ୍ୟରେ ନିଶା ନିବାରଣ ଆଇନ କାର୍ଯ୍ୟକାରୀ କଲେ । ସବୁ ଦଳ ଏ ଦିଗରେ ସହଯୋଗ କଲେ ଏବଂ ନୀତୀଶ ସମଗ୍ର ସରକାରୀ କଳକୁ ଏହି କାମରେ ଲଗାଇଲେ । ଏ ବାବଦରେ ଆଇନ ଏଭଳି କଡ଼ାକଡ଼ି ଭାବରେ ପ୍ରୟୋଗ କଲେ ଯେ, ଦେଶର ଜେଲ୍‌ରେ ସ୍ଥାନର ଅଭାବ ହେଲା ଏବଂ ମଦର ପ୍ରାଦୁର୍ଭାବ ବହୁ ପରିମାଣରେ କମିଗଲା । ଅବଶ୍ୟ ଏ ଦିଗରେ ବଡ଼ ବାଧକ ହେଲା ଆଖା ପାଖ ମଦ ପ୍ରଚଳନ ଥିବା ରାଜ୍ୟରୁ ବେଆଇନ ମଦ ଅନୁପ୍ରବେଶ । ଚୋରାରେ ମଦ ମିଳୁନଥିବାରୁ ବିହାରରେ ଅନ୍ୟ ରାଜ୍ୟ ଠାରୁ ମଦର ପ୍ରାଦୁର୍ଭାବ ବହୁତ କମ୍ । ଏହା ସମ୍ପୂର୍ଣ୍ଣ ଫଳପ୍ରଦ ହେବ ସମଗ୍ର ଦେଶରେ ନିଶା ନିବାରଣ ହେଲେ । କିନ୍ତୁ ଅନ୍ୟାନ୍ୟ ରାଜ୍ୟରେ ବିହାର ଭଳି ମହିଳା ନେତ୍ରୀମାନେ ମଦ ହଟାଇବା ନାଁ ଧରୁନାହାଁନ୍ତି । ସେମାନଙ୍କ ପାଇଁ ସରକାର ନାନା ବାଟରେ କିଛି କିଛି ଆର୍ଥିକ ବ୍ୟବସ୍ଥା କରୁଛନ୍ତି ଓ ପଦବୀ ସୃଷ୍ଟି କରିଛନ୍ତି ଏବଂ ନିର୍ବାଚନ ସମୟରେ ସେମାନଙ୍କ ମାଧ୍ୟମରେ ଟଙ୍କା ଦେଇ ମହିଳାମାନଙ୍କ ଭୋଟ ହାତଉଛନ୍ତି । ନିର୍ବାଚନ ଜିତିବା ଲାଗି ଭୋଟରମାନଙ୍କୁ ଟଙ୍କା ଦେବା ସଙ୍ଗେ ସଙ୍ଗେ ମଦର ବ୍ୟବସ୍ଥା ହେଉଛି । ଅବସ୍ଥା ଏଭଳି ହେଲାଣି ଯେ ମଦ ବ୍ୟବସ୍ଥା ନହେଲେ ନିର୍ବାଚନ ଅଫିସ୍‌କୁ ବାହୁବଳୀ ଯୁବକମାନେ ଆସିବେ ନାହିଁ କି 'ରୋଡ଼ ସୋ' ହୋଇପାରିବ ନାହିଁ । ଆଉ ଘର ଘର ବୁଲି ଭୋଟ ଯୋଗାଡ଼ କରିବ କିଏ ?

ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ବର୍ଷ ସରକାର ମଦ ବ୍ୟବସାୟରୁ ୧୨୦କୋଟି ଟଙ୍କା ପାଇଥିଲେ । ଏବର୍ଷ ତାହାର ୧୦୦ଗୁଣ ଅର୍ଥ ଲାଭ କରିବେ ବୋଲି ଗଳି କନ୍ଦିରେ ବି ମଦ ମିଳିବାର ବ୍ୟବସ୍ଥା କରିଦେଲେଣି । ସେ ଦେଖୁଛନ୍ତି ମଦ ବିକ୍ରି ଯେଭଳି ବଢି ବଢି ଚାଲିଛି ସେହି ତାଳରେ ତାଙ୍କ ଦଳର ଭୋଟ ବି ବଢିବାରେ ଲାଗିଛି । ଏଣୁ ଭେଣ୍ଡିଆ ପୁଅ ବା ସ୍ୱାମୀ ଅଧା ବୟସରେ ମଲେ ତାଙ୍କର କି ଯାଏ ଆସେ ? ଟଙ୍କା ଦେଇ ଗଣମାଧ୍ୟମ ପ୍ରଚାର ଜରିଆରେ ସେ ଏବେ ଦେଶର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ! ବିହାର ଓ ଗୁଜୁରାଟ ଭଳି ରାଜ୍ୟରେ ମଦ ବେଆଇନ ଥିଲେ ବି ବିଷାକ୍ତ ମଦ ପିଇ ୨୦୦-୩୦୦ ଲୋକ ମରିଗଲେ ନିଶା ନିବାରଣର ବିରୋଧ ଗୋଷ୍ଠୀ (ଗଣମାଧ୍ୟମ ବିଶେଷକରି) ଏଭଳି ଉଦ୍ୟମର ବ୍ୟର୍ଥତା ସମ୍ପର୍କରେ ଶତମୁଖ । କିନ୍ତୁ ବିଷାକ୍ତ ମଦ ପିଇ ମରିବା ଲୋକଙ୍କର ୧୫ଗୁଣ ଲୋକ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ମରୁଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୭୦% ମଦପାନ କରି ଗାଡ଼ି ଚଳାଉଥିବାରୁ ଏଭଳି ଘଟୁଛି ବୋଲି ପୋଲିସ୍ ବିଭାଗ କହୁଛି । ଏଭଳି ଅପମୃତ୍ୟୁର ଖବର ପରଦିନ ସମ୍ବାଦପତ୍ରରେ ବାହାରିଥାଏ । ଓଡ଼ିଶାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଲୋଚନକୁ ଆସୁଥିବା ଏଭଳି ମଦ ଜନିତ ଅପମୃତ୍ୟୁ ଛଡ଼ା ୨୫ରୁ ୪୦ ବର୍ଷର ମଦ୍ୟାସକ୍ତ ଯୁବକ ଅକାଳରେ ମରିବାର ଖବର କେହି ରଖନ୍ତି ନାହିଁ ।

କିଛିବର୍ଷ ମଦ୍ୟାସକ୍ତ ହୋଇଗଲେ ଲୋକର ରୋଗର ପ୍ରତିଶେଧକ ଶକ୍ତି କମିଯାଏ । ଏହା ଫଳରେ ସେମାନେ ନାନା ପ୍ରକାର କର୍କଟ ରୋଗରେ ପଡ଼ନ୍ତି ଓ କରୋନା ଭଳି ଭୂତାଣୁ ଜନିତ ରୋଗରେ ଏଇମାନେ ଆଗ ଆକ୍ରାନ୍ତ ହୁଅନ୍ତି ।

ଗତ ୨୦,୨୫ବର୍ଷ ମଧ୍ୟରେ ମଦ୍ୟପାନ ଏଭଳି ଭାବରେ ବଢିଛି ଯେ, କୌଣସି ବ୍ୟକ୍ତି ନାହିଁ ଯାହାର ନିଜ ପରିବାରରୁ ବା ବନ୍ଧୁବାନ୍ଧବ ପରିବାରରୁ ବା ପ୍ରିୟ ଲୋକଙ୍କ ମଧ୍ୟରୁ ଜଣେ ଏହାର କବଳରେ ନପଡ଼ିଛି । ଅନ୍ୟ ରାଜ୍ୟରୁ କରୋନା ଲୋପ ପାଇବା ପରେ ବି ଶିକ୍ଷା ଓ ସମାଜସେବା ଦିଗରେ ଭାରତବର୍ଷରେ ଅଗ୍ରଣୀ ରାଜ୍ୟ କେରଳରେ କରୋନା ଲାଗ ରହିଥିଲା । ଏହାର ମୁଖ୍ୟ କାରଣ ମୁଣ୍ଡପିଛା ବାର୍ଷିକ ମଦ୍ୟପାନରେ କେରଳ ଦେଶର ପ୍ରଥମ ସ୍ଥାନରେ ଅଛି । ଏମାନଙ୍କ ସଂଖ୍ୟା ଠିକ୍ ନ କହି ହେଲେ ବି ସରକାରଙ୍କ ଅଟକଳ ଅନୁସାରେ ଓଡ଼ିଶାର ପ୍ରାୟ ୭୦ ଲକ୍ଷ ଲୋକ ମଦ୍ୟାମୁକ୍ତ । ଏଭଳି ସଂଖ୍ୟକ ଲେକଙ୍କ ମଧ୍ୟରୁ କେତେ ଲକ୍ଷ ଲୋକ ରୋଗ ପ୍ରତିରୋଧ ଶକ୍ତି (ଇମ୍ୟୁନିଟି) ହରାଇଲେଣି ତାହାର ଅଟକଳ ଠିକଣା ଭାବରେ ନକହି ହେଲେ ବି ସେମାନଙ୍କ ସଂଖ୍ୟା ନିୟୁତ ନିୟୁତ ଲୋକ ନିଶ୍ଚୟ । ଏହାଫଳରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକ ନାନା ଦୁରାରୋଗ୍ୟ ରୋଗ ଭୋଗି ଅଧା ବୟସରେ ମରୁଛନ୍ତି ଓ ଲକ୍ଷ ଲକ୍ଷ ଯୁବତୀ ଅଧା ବୟସରୁ ବିଧବା ହେଉଛନ୍ତି । ସମ୍ବଲପୁରରେ ଅନେକ ଗାଁରେ ଏଭଳି କାରଣରୁ ବିଧବା ହେଉଥିବା ଯୁବତୀମାନେ ସ୍ୱତନ୍ତ୍ର ପଡ଼ାରେ ରହନ୍ତି, ଯାହାକୁ ଗାଁର ବିଧବା ପଡ଼ା କୁହାଯାଏ । ମଦ୍ୟାସକ୍ତ ଯୋଗୁଁ ପୁଅ ମରିଗଲେ ପରିବାରର ଲୋକ ଜଣାଇବାକୁ ଚାହାଁନ୍ତି ନାହିଁ ଯେ ବ୍ୟକ୍ତିଟି ମଦ୍ୟାସକ୍ତି ଯୋଗୁ ମଲା । ଯେଉଁ ଦେଶର ମିଣିଷ ଜୀବନର ମୂଲ୍ୟ ନାହିଁ, ସେ ଦେଶର ସରକାର ଏ ଖବର କାହିଁବା ରଖିବେ ? କୌଣସି ଏନଜିଓ ବି ଏ ବାବଦ ହିସାବ ରଖନ୍ତି ନାହିଁ ।

ବିହାର ଓ ଗୁଜୁରାଟରେ ନିଶା ନିବାରଣ ବ୍ୟର୍ଥ ହୋଇଛି ବୋଲି ଶତମୁଖ ବ୍ୟକ୍ତିମାନେ ସ୍ୱୀକାର କରିବେ ଯେ, ପଡ଼ିଶା ରାଜ୍ୟରୁ ମଦର ଅନୁପ୍ରବେଶ ସ□େ ଏସବୁ ରାଜ୍ୟର ଷ୍ଟେସନ ଓ ବସ୍‌ଷ୍ଟାଣ୍ଡ ମାନଙ୍କରେ ପୋଲିସ୍ ସେଠାକୁ ଯାଉଥିବା ବ୍ୟକ୍ତି ମଦ ନେଇଛନ୍ତି କି ନାହିଁ ତଦାରଖ କରନ୍ତି । ମଦ ପାଖ ଆଖରେ ଅବାଧରେ ମିଳୁଥିଲେ ଯେତେ ଲୋକ ମଦ ପିଅନ୍ତି, ନିଶା ନିବାରଣ ଆଇନ ଥିବା ଯେଉଁ ବିହାର ଓ ଗୁଜୁରାଟରେ ଲୋକେ ପୂର୍ବାପେକ୍ଷା ଯେ କମ୍ ମଦ ପିଉଥିବେ ଏହାକୁ ଅସ୍ୱୀକାର କରିହେବ କି । ନିଶା ନିବାରଣ କାର୍ଯ୍ୟକାରୀ ହେବା ପରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର କିଛି ସଦସ୍ୟ ବିହାରରେ ଏହାର କାର୍ଯ୍ୟକାରିତା ଅନୁଧ୍ୟାନ କରିବାକୁ ସେଠାକୁ ଯାଇଥିଲେ । ସେମାନେ ଗଣମାଧ୍ୟମର ପ୍ରତିନିଧି ଓ ସାଧାରଣ ଲୋକଙ୍କୁ ଭେଟି ଜାଣିବାକୁ ପାଇଥିଲେ ଯେ, ଏହା ସମ୍ପୂର୍ଣ୍ଣ ସଫଳ ନହେଲେ ବି ଗାଁ ଗହଳରୁ ସାଧାରଣ ଲୋକେ ଏହା ଫଳରେ ନାନା ଦିଗରେ ଅନେକ ଉପକୃତ ହୋଇଛନ୍ତି । ଓଡ଼ିଶାରେ ରହୁଥିବା ବିହାରର ବାସିନ୍ଦାଙ୍କୁ ପଚାରିଲେ ବି ଏହାର ସୂଚନା ପାଇପାରିବେ । ଗୁଜୁରାଟରେ ବି ଏହା ସମ୍ପୂର୍ଣ୍ଣ ସଫଳ ନହେଲେ ବି ଖୋଲାରେ ସହଜରେ ମଦ ମିଳେନା ଓ ଗୁଜୁରାଟର ସହରରେ ରାତି ଅଧରେ ନିର୍ଭୟରେ ମହିଳାମାନେ ଏକାକୀ ସ୍କୁଟିରେ ଯାଉଥିବା ଦୃଶ୍ୟ ଅତି ସାଧାରଣ । ଭୁବନେଶ୍ୱର ଭଳି ଛୋଟ ସହରରେ ଏଭଳି ଦେଖିବାକୁ ମିଳିବ ନାହିଁ ।

ଦେଶର ସବୁ ରାଜ୍ୟ ଏକା ବର୍ଷେ ନିଶା ନିବାରଣ କରିବେ ନାହିଁ । ତାହା ହେଲେ ମଦ ଭଳି ସର୍ବନାଶୀ ବିଷକୁ କିପରି ଦୂର କରିହେବ ? ବିହାରର ବିଚାରବନ୍ତ ଲଢୁଆ ମହିଳାମାନଙ୍କ ଦାବି ଫଳରେ ଏହା ସମ୍ଭବପର ହୋଇଥିଲା । ଓଡ଼ିଶାର ନିଶା ନିବାରଣ ଆନ୍ଦୋଳନରେ ବି ଏଇମାନେ ଆଗୁଆ । ସେମାନେ ହଜାର ହଜାର ସଂଖ୍ୟାରେ ଏଥିଲାଗି ମାଡ଼ ଖାଇଛନ୍ତି ଓ ଜେଲ୍ ଯାଇଛନ୍ତି ଏବଂ ସହିଦ ବି ହୋଇଛନ୍ତି; କିନ୍ତୁ ସମାଜର ଉଚ୍ଚବର୍ଗର ଶିକ୍ଷିତ ମହିଳାମାନେ ଏ ଦିଗରେ ନେତୃତ୍ୱ ନେବାକୁ ବାହାରୁ ନଥିବାରୁ ଏହି ଆନ୍ଦୋଳନ ଅଧିକ ଆଗେଇ ପାରିନାହିଁ । ଯେଉଁ କେତେକ ନାରୀନେତ୍ରୀ ସରକାରୀ ସାହାଯ୍ୟ ଓ ପଦବୀର ଫାନ୍ଦରେ ପଡିଛନ୍ତି ସେମାନଙ୍କ ଛଡ଼ା ଅନ୍ୟମାନେ ଏ ଦିଗରେ ଆଗଭର ହୁଅନ୍ତୁ । ସରକାର ଅୟୁତ ଅୟୁତ ସଂଖ୍ୟକ ଲୋକଙ୍କ ରାଜଧାନୀ ଅବରୋଧକୁ ଡରନ୍ତି ନାହିଁ । ସେମାନଙ୍କର ଏକମାତ୍ର ଡ଼ର ଭୋଟରମାନଙ୍କୁ । ଦେଶର ସେହି ମାଲିକମାନେ ଭବିଷ୍ୟତ ବଂଶଧରଙ୍କ ସ୍ୱାର୍ଥକୁ ଆଖିରେ ରଖି ଆଗାମୀ ନିର୍ବାଚନ ପୂର୍ବରୁ 'ମଦ ହଟାଅ ଦେଶ ବ□ାଅ' ଧ୍ୱନି ଉଠାନ୍ତୁ । ଏହି ଉଦ୍ଦେଶ୍ୟ ହଜାର ହଜାର ମା' ବହୁ କଷ୍ଟ ସହିଛନ୍ତି । ଏବେ ସେମାନେ, ନିର୍ବାଚନ ପୂର୍ବରୁ ଟଙ୍କା ଆଦି ଥୋପକୁ ଛେପ ପକାଇ, ସଂଗଠିତ ହୋଇ ଏଭଳି ଧ୍ୱନିରେ ଚର୍ତୁଦିଗ ପ୍ରକମ୍ପନ କରନ୍ତୁ, ଯାହାଫଳରେ ବିଭିନ୍ନ ରାଜନୈତିକ ଦଳ, ବିଶେଷକରି ଶାସକ ଦଳ ଅସହାୟ ହୋଇ ଘୋଷଣା କରିବେ ଯେ ନିର୍ବାଚନ ଜିତିବା ପରେ ପରେ ସେମାନେ ୧୯୫୬ ମସିହା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବେ ।

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଏହି କାମଟି ଲଗାତର ଭାବରେ କରିଆସୁଛି ଓ ଗାଁକୁ ନିଶାମୁକ୍ତ କରିବାରୁ ଆରମ୍ଭ କରି ସମଗ୍ର ଦେଶକୁ ନିଶାମୁକ୍ତ କରିବା ଦିଗରେ ହାତ ଦେଇଛି । କାରଣ ଦେଶ ନିଶାମୁକ୍ତ ନହେଲେ ରାଜ୍ୟ ନିଶାମୁକ୍ତ ହୋଇପାରିବ ନାହିଁ; ଆଉ ରାଜ୍ୟ ନିଶାମୁକ୍ତ ନହେଲେ ଗାଁକୁ ଅଧିକ କାଳ ନିଶାମୁକ୍ତ ରଖିପାରିବେ ନାହିଁ । ଏବେ ଦେଖାଯାଇଛି ଆଠବର୍ଷ ତଳେ ନିଶାମୁକ୍ତ ହୋଇଥିବା ଆଠଗଡ଼ର ପାଟେଣୀ ଗାଁ ଭଳି ବହୁ ଗାଁରେ ପୂର୍ବ ଭଳି ନିଶା କାୟା ବିସ୍ତାର କରିଛି । ଏହି ଉଦ୍ଦେଶ୍ୟରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓଡ଼ିଶାର ସବୁ ଜିଲ୍ଲାରେ ଏହାର ଶାଖା ମାଧ୍ୟମରେ ନିଶାମୁକ୍ତି ଅନ୍ଦୋଳନ ଜାରି ରଖିବା ସଙ୍ଗେ ସଙ୍ଗେ ସମଗ୍ର ଦେଶରେ ଏଭଳି ଆନ୍ଦୋଳନ ଚଳାଇ ଆସିଥିବା ସଂଗଠନ ମାନଙ୍କୁ ନେଇ ସର୍ବ ଭାରତୀୟ ନିଶା ନିବାରଣ ଅଭିଯାନର ଜାତୀୟ ସଂଗଠନ ଗଢିବା ଦିଗରେ ପ୍ରାରମ୍ଭିକ ପଦକ୍ଷେପ ନେଇଛି ।

ସବୁ ବଡ଼ ବଡ଼ ଆନ୍ଦୋଳନ ସବୁ ସମୟରେ ଆଗେଇ ଆଗେଇ ଚାଲିନଥାଏ । ନିଶା ନିବାରଣ ଭଳି ବିରାଟ ଆନ୍ଦୋଳନ ଉଠାପଡ଼ା ହୋଇଚାଲିବ, ଯେହେତୁ ଏହି ରାକ୍ଷସ ସମଗ୍ର ଦେଶକୁ କବଳିତ କରିବା ଦିଗରେ ହସ୍ତ ପ୍ରଚାର କରିଚାଲିଛି, ଏହା ବିରୋଧରେ ଭାରତର ଚେତନଶୀଳ ବ୍ୟକ୍ତି ଏହି ସଂଗ୍ରାମ ଆଡ଼କୁ ବାଧ ହୋଇ ଆସିବେ । ଏ ଲଢେଇର ଶେଷ ପର୍ଯ୍ୟନ୍ତ ମୁଁ ନଥିବି କି ଆପଣ ହୁଏତ ନଥିବେ; କିନ୍ତୁ ନୂଆ ସୈନିକ ଓ ନୂଆ ସେନାପତିମାନେ ଏହାକୁ ଆଗେଇ ନେବେ । କାରଣ ଏ ଲଢେଇର ହାର୍ ଜିତ୍ ଉପରେ ସମଗ୍ର ଜାତିର ଭବିଷ୍ୟତ ନିର୍ଭରଶୀଳ ।

ସଭାପତି, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ
ମୋ : ୯୯୩୮୮୯୩୪୪୫

# ଏ ମଣିଷଙ୍କୁ ସଇତାନ କରୁଛି କିଏ

ପ୍ରହଲ୍ଲାଦ କୁମାର ସିଂହ

'ମଦ ପାଇଁ ଝିଅକୁ ମାରିଦେଲା ବାପା', 'ନିଶାସକ୍ତ ପୁଅ ଭାଇଙ୍କ ଉନ୍ମତ୍ତ କାଣ୍ଡ: ଉପବାଚସ୍ପତିଙ୍କ ଘରେ ଭଙ୍ଗାରୁଜା, ପୋଲିସକୁ ଆକ୍ରମଣ', 'ଭୁବନେଶ୍ୱରର କାରବାରରେ ଆନ୍ତଃରାଜ୍ୟ ମାଫିଆ: ମଙ୍ଗ ଧରିଛନ୍ତି ବଙ୍ଗ ବେପାରୀ', 'ରାଜଧାନୀରେ ୪ମାସରେ ୧୨ହଜାର ନିଶାଡ଼ିଙ୍କୁ ଜରିମାନା'- ୨୬ ଜୁଲାଇ ୨୦୨୩ ସଂସ୍କରଣରେ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ କେତେକ ଖବରର ଏହା ହେଉଛି ଶିରୋନାମା । ମଦ, ମହୁଆ ଓ ମଦ ବେପାରୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ମହିଳାମାନେ ପୋଲିସ ଓ ପ୍ରଶାସନଠାରୁ ନିରାପତ୍ତା ନପାଇ ଶେଷରେ ଏହି ଦିନରେ ଗଜପତି ଜିଲ୍ଲାର ମୋହନା ବ୍ଲକ ଗାରପେଣା ଗାଁରେ ମଦଭାଟି ଭାଙ୍ଗି ଦେଇଛନ୍ତି । ଏବେ ଗଣମାଧ୍ୟମରେ ପ୍ରମୁଖ ସ୍ଥାନ ନେଉଛି ଅପରାଧ ଖବର ଏବଂ ସେଥିମଧ୍ୟରୁ ପ୍ରାୟ ୫୦ ପ୍ରତିଶତରୁ ଅଧିକ ରହୁଛି ନିଶା ଜନିତ ।

ଦେଶର ସ୍ୱାଧୀନତା ଆନ୍ଦୋଳନରେ ନିଶା ନିବାରଣ ଥିଲା ଏକ ପ୍ରମୁଖ ପ୍ରସଙ୍ଗ । ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶ ସହିତ ଅପରାଧ ନିୟନ୍ତ୍ରଣ ପାଇଁ ନିଶା ନିବାରଣ ଯେ ଏକାନ୍ତ ଜରୁରୀ ସେକଥା ସେତେବେଳେ ଅନୁଭବ କରୁଥିଲେ ସ୍ୱାଧୀନତା ସଂଗ୍ରାମୀମାନେ । କେବଳ ସେତିକି ନୁହେଁ ବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ମହିଳାମାନେ ନିଶା ବିରୁଦ୍ଧରେ ପିକେଟିଂ କରି ଦଣ୍ଡିତ ହେଉଥିଲେ । କିନ୍ତୁ ସ୍ୱାଧୀନତା ପ୍ରାପ୍ତି ପରେ ନିଶା ନିବାରଣ ପ୍ରସଙ୍ଗକୁ କେନ୍ଦ୍ର ସରକାର ଭୁଲିଯିବା ସହ ନିଶା ପ୍ରସାରଣ ପାଇଁ ଏକପ୍ରକାର ପ୍ରତିଯୋଗିତା ସୃଷ୍ଟିକଲେ ବିଭିନ୍ନ ରାଜ୍ୟମାନଙ୍କରେ । ଲୋକଙ୍କୁ ନିଶାଡ଼ି କରି ସେମାନଙ୍କ ପରିବାର, ସମାଜ ସହିତ ରାଷ୍ଟ୍ରକୁ ଭାଙ୍ଗିଦେଇ ନିଶାରୁ ପାପ ରାଜସ୍ୱ ବଢ଼ାଇବା ସଙ୍ଗେ ସଙ୍ଗେ ଶାସନ ଗାଦିରେ ଭୋଟ ହାତେଇବା ଲାଗି ଏହା ବି ହୋଇଛି ଏକ ପ୍ରମୁଖ ମାଧ୍ୟମ ।

ସେ ସମୟରେ ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ ନିଶା ନିବାରଣ ଅଭିଯାନକୁ ବ୍ୟାପକ କରାଇବାବେଳେ କହିଥିଲେ, 'ମଦ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ ହେଉଛନ୍ତି ସଇତାନର ଦୁଇଟି ହାତ ଭଳି... ନିଶା ସବୁ ଦୁଷ୍କର୍ମର ଜନନୀ... ମଣିଷ ନିଶା ଖାଇବା କୁ ଛାଡ଼ିଲେ ମଣିଷକୁ ନିଶା ଖାଇଯିବ... ଦାରିଦ୍ର୍ୟତା ଓ ଅନଗ୍ରସରତାର ଅନ୍ୟତମ କାରଣ ନିଶା, ଆଳସ୍ୟ ଓ ଜଡ଼ତା । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଶା ବଡ଼ ପ୍ରତିବନ୍ଧକ । ଯାହା ଉପରେ ସ୍ୱରାଜ ଦେବା ପ୍ରସଙ୍ଗ ଲୁଚିଛି ସେ ସମୟ ଖୁବଶୀଘ୍ର ଉତ୍ପୁଷ୍ଟ ହୋଇ ଶେଷ ହୋଇଯାଏ ।' ସବୁ ଧର୍ମଶାସ୍ତ୍ର ନିଶାପାନର ବି ନିନ୍ଦା କରିଆସିଛି । ଏଥିପାଇଁ ନିଶାର ପ୍ରସାରଣ ରୋକାନଗଲେ ଆମେ ସର୍ବନାଶ ଆଡ଼କୁ ଅଗ୍ରସର ହେଉନାହିଁ ତ?

ଆମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଜନ୍ମମାଟି ମୟୂରଭଞ୍ଜ ଜିଲ୍ଲାରେ ପ୍ରାୟ ୩ବର୍ଷ ତଳେ ତାଙ୍କ ଅଞ୍ଚଳର ଜଣେ ଆଦିବାସୀ ଯୁବକଙ୍କୁ କୁହୁଡ଼ିପୁର ଜେଲରେ ଫାଶୀ ଦିଆଯାଇଥିଲା । ମଦ ନିଶାରେ ଚୁର୍ ହୋଇ ଏହି ଯୁବକ ଜଣକ ନିଜର ଝିଅ ସମାନ ନାବାଳିକା ଝିଅଟିକୁ ବଳାତ୍କାର ଓ ହତ୍ୟା କରିଥିଲା । ଇତିମଧ୍ୟରେ ଆଉ ତିନି ଜଣ ନିଶାଡ଼ି ଧର୍ଷଣ ଓ ହତ୍ୟାକାଣ୍ଡ ଘଟାଇ ପ୍ରାଣ ଦଣ୍ଡାଦେଶ ପାଇଥିଲେ ମଧ୍ୟ ବିଭିନ୍ନ କାରଣରୁ ସେମାନଙ୍କ ଦଣ୍ଡାଦେଶକୁ କୋହଳ କରିଦିଆଯାଇଛି । ଦେଶର ରାଜଧାନୀ ଦିଲ୍ଲୀରେ ଘଟିଥିବା ନିର୍ଭୟା ଗଣବଳାତ୍କାର ଓ ହତ୍ୟା, ନୈନା ସାହାଣିଙ୍କୁ ତନ୍ଦୁରି ଭାଟିରେ ପୋଡ଼ି ମାରିବା ଏବଂ ମଡେଲ ଜେସିକା ଲାଲ୍ଙ୍କୁ ହତ୍ୟା କରାଯିବା ଆଦି ବହୁ ବିକଳ୍ପ ଅପରାଧ ପଛରେ ରହିଛି ସଇତାନ ନିଶା ।

ଅତୀତର ଅନେକ ଘଟଣାବଳୀରୁ ଏକଥା ସ୍ପଷ୍ଟ ହୋଇଛି ଯେ ଦଙ୍ଗାଗୋଳ ଭଳି ହିଂସାକାଣ୍ଡ ସୃଷ୍ଟି ପଛରେ ନିଶାର ଭୂମିକା ଥାଏ । ଭ୍ରଷ୍ଟ ରାଜନେତା, ଦୁର୍ନୀତିଗ୍ରସ୍ତ ପ୍ରଶାସକ, ଚୋରା ବ୍ୟବସାୟୀ, ଲାଞ୍ଚଖୋର୍, ଠିକାଦାର, ଜମି ମାଫିଆ ଆଦି ପୋଷିଥିବା ନିଶାଡ଼ିମାନେ କେତେକ କେତେ ବି ସେମାନଙ୍କ ଉପରେ ଭାରି ପଡ଼ନ୍ତି । ପ୍ରକାଶିତ ଖବର ଅନୁଯାୟୀ ବିଧାନସଭାର ଉପବାଚସ୍ପତିଙ୍କ ଘରେ କିଛି ନିଶାସକ୍ତ ତାଣ୍ଡବ କରି ଆସବାବପତ୍ର ଭାଙ୍ଗିବା ସହ ସେମାନଙ୍କୁ ଅଟକାଇବା ପାଇଁ ଯାଇଥିବା ପୋଲିସ ଉପରେ ମଧ୍ୟ ଆକ୍ରମଣ କରିବାକୁ ଛାଡ଼ି ନାହାନ୍ତି । ବିଭିନ୍ନ ସ୍ଥାନରେ ନିଶାସାମଗ୍ରୀ ଜବତ କରିବାକୁ ଯିବାବେଳେ ଅବକାରୀ ଓ ପୋଲିସ କର୍ମଚାରୀମାନେ ବି କେତେବେଳେ ଆକ୍ରମଣର ଶିକାର ହେଉଥିବା ଖବର ବାରମ୍ବାର ପ୍ରକାଶ ପାଉଛି । ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ୩ମାସରେ ୧୨ହଜାର ନିଶାଡ଼ିଙ୍କୁ ଧରିଛି କମିଶନରେଟ୍ ପୋଲିସ । ମହୁଆ ଖାଇ ଚାଳକଙ୍କ ଯୋଗୁଁ କେତେ ଯେ ଦୁର୍ଘଟଣା, ହତ୍ୟାକାଣ୍ଡ, ଆତ୍ମହତ୍ୟା, ବଳାତ୍କାର, ନାରୀ ନିର୍ଯାତନା ଓ ଅନ୍ୟାନ୍ୟ ଅପରାଧ ଘଟୁଛି ତାହାର ସଠିକ ହିସାବ ନାହିଁ । ଗଞ୍ଜେଇ ଚାଲାଣରେ ସହାୟତା କରିଥିବା ଅଭିଯୋଗରେ ଏବେ ଓଡ଼ିଶାରେ ୩ଜଣ ଅବକାରୀ ପୋଲିସଙ୍କୁ ଚାକିରିରୁ ବିଦା କରାଯାଇଥିବାବେଳେ ସିଙ୍ଗାପୁରରେ ଜଣେ ଭାରତୀୟ ବଂଶୋଦ୍ଭବ ଫାଶୀ ପାଇଛନ୍ତି ।



ଆମ ରାଜ୍ୟ ତଥା ଦେଶର ଅପରାଧ ଇତିହାସରେ ଏଭଳି ଅନେକ ଘୃଣ୍ୟ ଘଟଣା ଘଟିଛି ଯେଉଁଠି ନିଶାସକ୍ତ ବାପା ଦୁଷ୍କର୍ମରେ ହରାଇ ନିଜ ଝିଅକୁ ଧର୍ଷଣ କରି ଜେଲ ଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ୩୦ ବର୍ଷର ପୁଅ ନିଶାରେ ଚୁର୍ ଥାଇ ବାପାର ତଣ୍ଡି କାଟି ହତ୍ୟା କରିଥିବାବେଳେ ଦେବଗଡ ଜିଲ୍ଲାରେ ମହୁଆ ବାପା ପୁଅକୁ ଶୋଇଥିବା ଅବସ୍ଥାରେ ବାଉଁଶରେ ହାଣି ହତ୍ୟା କରିଛି । କିଛିଦିନ ତଳେ ବହୁଚର୍ଚ୍ଚିତ ବାଦାମନଗା ଅଞ୍ଚଳର ଏକ ଗାଁରେ ଜନ୍ମଦାତ୍ରୀ ମା' ନିଶାଡ଼ି ପୁଅକୁ ହତ୍ୟା କରିଥିବାବେଳେ ମହୁଆ ଭୁକ୍ତଭୋଗୀଙ୍କ ଉତ୍ପାତରୁ ବଞ୍ଚିବା ପାଇଁ ପତ୍ନୀ ଓ ପିଲାମାନେ ମିଶି ତାଙ୍କୁ ହତ୍ୟା କରିଛନ୍ତି ରାଜଧାନୀରେ । କେବଳ ମଦ ନୁହେଁ ଗଞ୍ଜେଇ, ଚରସ, ହେରୋଇନ ଠାରୁ ଆରମ୍ଭ କରି ଅନ୍ୟ ବହୁ କିସମର ମାରାତ୍ମକ ନିଶା ସାମଗ୍ରୀର ପ୍ରସାର ଏବେ ଗାଁରୁ ସହର ପର୍ଯ୍ୟନ୍ତ ବଢ଼ି ଚାଲିଛି । ଏମିତିକି ବିଦେଶରୁ ଓ ପଡ଼ୋଶୀ ରାଜ୍ୟରୁ ଆମ ରାଜ୍ୟକୁ ନିଶା ସାମଗ୍ରୀମାନ ଆସୁଥିବାବେଳେ ଓଡ଼ିଶାର ଗଞ୍ଜେଇ ବି ଦେଶ ବିଦେଶକୁ ଚାଲାଣ ହେଉଛି ।

ନିରକ୍ଷରତା, ଅଧାରୁ ପାଠ ଛାଡ଼ିବା, ପୁଷ୍ଟିହୀନତା, ଦାରିଦ୍ର୍ୟ, ଆଇନଶୃଙ୍ଖଳା ପରିସ୍ଥିତି ଆଦି ସହ ନିଶାର ପ୍ରତ୍ୟକ୍ଷ ସମ୍ପର୍କ ଥିବାବେଳେ ନିଶା ନିବାରଣ ଓ ତମାଖୁବର୍ଜନ ଆଦି ପାଇଁ ଧର୍ମକୁ ଆଧାର ମାରିବା ଭଳି ସରକାରୀ ବିଜ୍ଞାପନ ପ୍ରକାଶ ପାଉଛି । ନିଶାର ପ୍ରସାର ରୋକି ସମସ୍ତ ବ୍ୟବସ୍ଥା କରି ଲୋକେ ନିଶା ନଖାଇଲେ ନିଶା ବିକ୍ରି ହେବ କାହିଁ ବୋଲି ବିଚିତ୍ର ଯୁକ୍ତି ଉପସ୍ଥାପନ ସହିତ ବୁଝାଯାଉଛି । ନିଶାଡ଼ିମାନଙ୍କ ଚାହିଦା ମେଣ୍ଟାଇବା ପାଇଁ କୁଆଡେ ସରକାର ବିଶୁଦ୍ଧ ମଦ ଯୋଗାଣ କରୁଛନ୍ତି । ଏଥିରୁ ପାଇବା ରଜାଇ ନିଶା ରାଜସ୍ୱ ଯୁବକ ଓ ଛାତ୍ରମାନଙ୍କୁ ଗିଳିବାରେ ଲାଗିଛି । ଯୋଡ଼ିଏ ପଟେ ମହିଳାମାନଙ୍କ ସଶକ୍ତିକରଣ କଥା କୁହାଯାଉଥିବାବେଳେ ଯେଉଁ ପରିବାରରେ ନିଶାଡ଼ିଟିଏ ଅଛି ସେ ପରିବାରର ମା', ଭଉଣୀ, ଝିଅ, ପତ୍ନୀ ଓ ଅନ୍ୟ ସମ୍ପର୍କୀୟମାନେ କେବଳ ନିର୍ଯାତନାର ଦାରୁଣ ଅନୁଭୂତି ଯନ୍ତ୍ରଣା ଅନୁଭବ କରିଆସୁଛନ୍ତି । ନିଶା ଯୋଗୁ କେତେ ଯେ ପିଲା ବାପ ହରାଇ ଅନାଥ ହେଉଛନ୍ତି, କେତେ ବାପା-ମା'ଙ୍କ କୋଳ ଖାଲି ହେଉଛି ଏବଂ କେତେ ମହିଳାଙ୍କ ସିନ୍ଥିରୁ ସିନ୍ଦୁର ଲିଭୁଛି ତାହାର ହିସାବ କିତାବର ପରିସଂଖ୍ୟାନ ଦେଉଥିବା ବ୍ୟବସ୍ଥା ନିକଟରେ ନାହିଁ । ବ୍ୟକ୍ତି, ପରିବାର, ସମାଜ ଓ ରାଷ୍ଟ୍ରର କ୍ଷତି କରୁଥିବା ନିଶାକୁ କରୋନା ମହାମାରୀ ସମୟରେ ନିଷିଦ୍ଧ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ପୁଣି ପ୍ରସାର କରାଯାଉଛି । ଜାତୀୟରାଜପଥର ଅଧ କିଲୋମିଟର ଭିତରେ କୌଣସି ମଦ ଦୋକାନ ନରଖିବା ପାଇଁ ସୁପ୍ରିମକୋର୍ଟଙ୍କ ଆଦେଶକୁ ବି ସହରାଞ୍ଚଳ ରାସ୍ତା ଦେଖାଇ ବଦଳାଇ ଦିଆଯାଇଛି । ସରକାରୀ କର୍ମଚାରୀମାନେ ମଦ ପିଇ ବିଶୃଙ୍ଖଳ ଆଚରଣ ପାଇଁ ସେମାନଙ୍କୁ ଦଣ୍ଡିତ କରାଯାଇପାରିବ ବୋଲି ଆଇନରେ ବ୍ୟବସ୍ଥା ଥିବାବେଳେ କର୍ତ୍ତୃପକ୍ଷ କିନ୍ତୁ ଏ କ୍ଷେତ୍ରରେ ହେଉ ଉଦାର ।

କୁହାଯାଏ ଯେତିକି ଟଙ୍କାର ଅବକାରୀ ରାଜସ୍ୱ ପାଇଁ ସାମଗ୍ରିକ କ୍ଷତିର ପରିମାଣ ପ୍ରାୟ ଶହେ ଟଙ୍କା । ନିଶା ପାନ କରି ଯଦୁବଂଶୀମାନେ ନିଜକୁ ନିଜେ ଧ୍ୱଂସର ଚାଲାଣ ହେଲେ ସେକଥାକୁ ବି କାହିଁକି ଭୁଲିଯିବା ଭଳି ଅଭିନୟ କରୁଛନ୍ତି । ନିଶା ପ୍ରସଙ୍ଗରେ ଜଷ୍ଟିସ୍ ଟେକଚାନ୍ଦ, ଯୋଜନା ବିଶାରଦ ଶ୍ରୀମନ୍ ନାରାୟଣ, ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା ଆଦିଙ୍କ ନେତୃତ୍ୱରେ ଗଢ଼ାଯାଇଥିବା କମିଟି ଓ ବହୁ କମିଶନ ଦେଇଥିବା ରିପୋର୍ଟ ପ୍ରଶାସନର ଅଲିଆ ଗଦାରେ ପଡ଼ିଛି । ଭାରତ ବିଶ୍ୱଗୁରୁ ହେବାର ପରିକଳ୍ପନା କରୁଥିବାବେଳେ ୭୬ବର୍ଷର ସ୍ୱାଧୀନତା ଭିତରେ ନିଶା ନିବାରଣ ପାଇଁ ଆମଦେଶ ଜାତୀୟ ନୀତି ପ୍ରଣୟନ କରିପାରିନାହିଁ । କେତେ ଟ୍ରିଲିଅନ୍ ଅର୍ଥନୀତି ହେଲେ ବି ନିଶା ଯୋଗୁ ସବୁ ବିଗିଡ଼ି ଯାଉଛି । ସଇତାନୀ ମଣ୍ଡି ପୋଡ଼ି ସଇତାନ ଉତ୍ପାଦନ କରିବାରେ ଆମ ବ୍ୟବସ୍ଥା ବ୍ୟସ୍ତ ଥିବାବେଳେ ସଂସ୍କାରୀ ବ୍ୟକ୍ତିତ୍ୱ ଆସିବେ କୁଆଡୁ? ବସ୍ତୁତଃ ପଞ୍ଚାୟତରୁ ଦିଲ୍ଲୀ ପର୍ଯ୍ୟନ୍ତ ନିଶାର ବହୁଳ ପ୍ରସାର ଦୃଷ୍ଟିଭୂମିରେ ମଣିଷପଣିଆ ହଜିଯାଉଥିବାରୁ ସଇତାନମାନଙ୍କ ସଂଖ୍ୟା ବଢ଼ୁଛି । ଏ ସମସ୍ୟାର ମୂଳୋତ୍ପାଟନ ପରିବର୍ତ୍ତେ ଭ୍ରଷ୍ଟ ବ୍ୟବସ୍ଥାର କର୍ଣ୍ଣଧାରମାନେ ଏହାକୁ ପ୍ରୋତ୍ସାହନ ଦେଉଥିବାବେଳେ ଦଳମତ ନିର୍ବିଶେଷରେ ଲୋକଶକ୍ତିର ଜାଗରଣ ହିଁ ସଇତାନୀ ବ୍ୟବସ୍ଥାର ସମାପନ ଘଟାଇପାରିବ ।

● ମୋ: [illegible]

## "ମୋନା" ରାଜ୍ୟ କମିଟିର କର୍ମକର୍ତ୍ତାବୃନ୍ଦଙ୍କୁ ଯୋଗାଯୋଗ ନିମନ୍ତେ ନିମ୍ନୋକ୍ତ ଫୋନ୍ ନମ୍ବର ଦିଆଗଲା

| | | |
|---|---|---|
| ସଭାପତି | ଶ୍ରୀଯୁକ୍ତ ପଦ୍ମଚରଣ ନାୟକ | ୯୯୩୮୮୯୩୪୪୫ |
| କାର୍ଯ୍ୟକାରୀ ସଭାପତି | ଶ୍ରୀ କାହ୍ନୁଚରଣ ବେହୁରା | ୯୪୩୯୦୪୪୩୬୪ |
| ଉପସଭାପତି | ପ୍ରଫେ.ଡ଼ଃ ଅଦ୍ୱୈତ କୁମାର ପାତ୍ର | ୯୪୩୯୧୭୫୭୪୩ |
| ଉପସଭାପତି | ପ୍ରଫେ. ଡ଼ଃ ବିଜୟ କୁମାର ସ୍ୱାଇଁ | ୯୪୩୭୦୫୫୦୫୮ |
| ଉପସଭାପତି | ଶ୍ରୀ ଅର୍ଜୁନ ସାମନ୍ତରାୟ | ୭୯୭୮୬୮୮୭୮୦ |
| ଉପସଭାପତି | ଶ୍ରୀ ଖଗେଶ୍ୱର ବଳ | ୯୯୩୭୧୨୭୨୮୯ |
| ଉପସଭାପତି | ସୁଶ୍ରୀ କବିତାରାଣୀ ପରିଡ଼ା | ୯୪୩୯୫୬୯୦୬୬ |
| ମହାସଚିବ | ଶ୍ରୀ ଗିରିଜା ପ୍ରସାଦ ନାୟକ | ୯୯୩୭୧୯୪୪୫୧ |
| ସଚିବ (ସାଧାରଣ) | ଶ୍ରୀ ରମାକାନ୍ତ ମଣ୍ଡଳ | ୯୪୩୭୬୬୯୪୧୨ |
| ସଚିବ (ସଂଗଠନ) | ଶ୍ରୀ ମନମୋହନ ମିଶ୍ର | ୭୦୭୭୯୫୭୦୪୬ |
| ସଚିବ (ମହିଳା ଶାଖା) | ଶ୍ରୀମତୀ ଅପର୍ଣ୍ଣା ନାୟକ | ୮୭୬୩୬୬୯୫୭୨ |
| ସଚିବ (ସାମାଜିକ ଗଣମାଧ୍ୟମ) | ଶ୍ରୀ ମଧୁସୂଦନ ମିଶ୍ର | ୯୪୩୮୫୯୦୬୪୧ |
| ସଚିବ (କାର୍ଯ୍ୟାଳୟ) | ଶ୍ରୀ ଶୁଭେନ୍ଦୁ କୁମାର ରାଉତରାୟ | ୯୪୩୭୧୦୭୪୨୭ |
| ସଚିବ (ପ୍ରକାଶନ) | ଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ | ୯୮୬୧୭୨୦୧୦୫ |
| ସଚିବ (ସଂଗଠନ) | ଶ୍ରୀମତୀ ତପସ୍ୱିନୀ କର | ୯୯୩୮୨୪୫୩୫୦ |
| ସଚିବ (ସଂଗଠନ) | ଶ୍ରୀମତୀ ପାର୍ବତୀ ନାୟକ | ୯୪୩୭୨୭୫୫୪୪ |
| କୋଷାଧ୍ୟକ୍ଷ | ଶ୍ରୀ ପ୍ରିୟନାଥ ଆଚାର୍ଯ୍ୟ | ୭୭୫୦୯୫୧୩୯୭ |
| ଅଙ୍କାଓ□□ | ଶ୍ରୀମତୀ ଇନ୍ଦୁମତୀ ସାହୁ | ୮୮୯୫୨୧୦୪୨୨ |

ପ୍ରକାଶକ : ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା)
ପ୍ଲଟ ନଂ: ୮୫୩/୧୪୩୧, ପ୍ରଗତି ନର୍ସିଂହୋମ (୨ୟ ମହଲା),
ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା
e-mail : monnaodisha@gmail.com,
web : www.monnaodisha.org

ଆମର ସଂକଳ୍ପ
ମଦମୁକ୍ତ
ଓଡ଼ିଶା

ମୁଖ୍ୟ ସମ୍ପାଦକ : ପଦ୍ମଚରଣ ନାୟକ (ମୋ: ୯୯୩୮୮୯୩୪୪୫)
ଏହି ସଂଖ୍ୟାର କାର୍ଯ୍ୟକାରୀ ସମ୍ପାଦନା ମଣ୍ଡଳୀ :
ସର୍ବଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ, ପ୍ରିୟନାଥ ଆଚାର୍ଯ୍ୟ, ମଳୟ କୁମାର ତ୍ରିପାଠୀ
ଯୋଗାଯୋଗ : ୯୮୬୧୭୨୦୧୦୫, ୯୪୩୮୦୦୫୫୩୩, ୯୦୪୦୭୩୩୧୦୭